Asian School of Business Management

**NEW PAPER:** The Samaja

**DATE:** 04.07.2018

**PAGE:** 12

# ଏଏସ୍‌ବିଏମ୍‌ରେ ଫାକଲ୍ଟି ଡେଭଲପମେଣ୍ଟ ପ୍ରୋଗ୍ରାମ



ଭୁବନେଶ୍ୱର,୩।୭: ଏସିଆନ ସ୍କୁଲ ଅଫ ବିଜିନେସ୍ ମ୍ୟାନେଜମେଣ୍ଟ(ଏଏସ୍‌ବିଏମ୍) ପକ୍ଷରୁ ୭ଦିନିଆ ଫାକଲ୍ଟି ଡେଭଲପମେଣ୍ଟ ପ୍ରୋଗ୍ରାମ ଉଦ୍‌ଘାଟିତ ହୋଇଯାଇଛି । ଏହି କର୍ମଶାଳାରେ ଓଡ଼ିଶା ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦର ଉପ-ସଭାପତି ପ୍ରଫେସର ଡ. ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ପ୍ରଫେସର ଡ. ଦାସ ଡାଟା ସାଇନ୍ସ ସୋସିଆଲ ସାଇନ୍ସ ଏବଂ ବାୟୋ ସାଇନ୍ସ ସମ୍ବନ୍ଧୀୟ ଗବେଷଣା ତତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଏଏସ୍‌ବିଏମ୍‌ର ପ୍ରତିଷ୍ଠାତା ଏବଂ ନିର୍ଦ୍ଦେଶକ ପ୍ରଫେସର ଡ. ବିଶ୍ୱଜିତ ପଟ୍ଟନାୟକ ଗବେଷକମାନେ ନିଜ ମଧ୍ୟରେ ପ୍ରବଳ ଇଚ୍ଛା ଓ ଆଗ୍ରହ ରଖି ଗବେଷଣା କଲେ ଭବିଷ୍ୟତରେ ନିଶ୍ଚିତ ଭାବରେ ସଫଳତା ଲାଭ କରିପାରିବେ ବୋଲି କହିଥିଲେ । କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗର ଡିନ୍ ପ୍ରଫେସର କିଶୋର କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଂଶଗ୍ରହଣକାରୀଙ୍କୁ ଶିକ୍ଷା ଗ୍ରହଣର ଧାରାକୁ ଆଗକୁ ବଢ଼ାଇବା ପାଇଁ ଏଭଳି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ପରାମର୍ଶ ଦେଇଥିଲେ । ଏହି କର୍ମଶାଳାରେ ବିଭିନ୍ନ ରାଜ୍ୟରୁ ଅଧ୍ୟାପକ, ଅଧ୍ୟାପିକା ଏବଂ ଗବେଷକମାନେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ଡିନ୍ ପ୍ରଫେସର ଡ. କଲ୍ୟାଣ ଶଙ୍କର ରାୟ, ଆସୋସିଏଟ ଡିନ୍ ପ୍ରଫେସର ଡ. ଫଲଗୁ ନିରଞ୍ଜନା, ସଂଯୋଜକ ପ୍ରଫେସର ଡ. ପଦ୍ମନାଭ ମହାପାତ୍ର, ଉପସଂଯୋଜକ ପ୍ରଫେସର ଡ. ପ୍ରକାଶ ଚନ୍ଦ୍ର ଦାଶ, ପ୍ରଫେସର ମୀନକେତନ ଷଡ଼ଙ୍ଗୀ, ପ୍ରଫେସର ଭକ୍ତବନ୍ଧୁ ଦାସ ଏବଂ ପ୍ରଫେସର ମନ୍ମଥ ନାଥ ସାମନ୍ତରାୟ ପ୍ରମୁଖ ଯୋଗଦାନ କରିଥିଲେ ।